# NATIONAL NEWS BULLETIN (ODIA)

**18 October - 2025**

**Morning Bulletin : 7.15 a.m.**

*********************************

## ମୁଖ୍ୟ ସମ୍ବାଦ

- ଭାରତକୁ ଏକ ନିର୍ଭରଯୋଗ୍ୟ, ଦାୟିତ୍ୱବାନ ଏବଂ ନିରନ୍ତର ଅଂଶୀଦାର ଭାବେ ବିଶ୍ୱ ଗ୍ରହଣ କରିଛି ବୋଲି କହିଲେ ପ୍ରଧାନମନ୍ତ୍ରୀ
- ଲକ୍ଷ୍ନୌ ବ୍ରହ୍ମୋସ ଏୟାରସ୍ପେସ୍ କେନ୍ଦ୍ରରେ ନିର୍ମିତ ପ୍ରଥମ ପର୍ଯ୍ୟାୟ ବ୍ରହ୍ମୋସ କ୍ଷେପଣାସ୍ତ୍ରର ଆଜି ଶୁଭାରମ୍ଭ କରିବେ ପ୍ରତିରକ୍ଷାମନ୍ତ୍ରୀ
- ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କୁ ଭାରତକୁ ପ୍ରତ୍ୟର୍ପଣ ନେଇ ଅନୁମତି ଦେଲେ ବେଲ୍‌ଜିୟମ୍‌ର ଏକ କୋର୍ଟ
- ଆଫଗାନ ସୀମାନ୍ତରେ ପାକିସ୍ତାନ ଆକ୍ରମଣରେ ୧୦ଜଣ ଆଫଗାନ ନାଗରିକଙ୍କ ମୃତ୍ୟୁ

ଏବଂ

- ଡେନ୍‌ମାର୍କ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ପୁରୁଷ ଯୋଡ଼ି ବର୍ଗରେ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେଲା ଭାରତ

## ପିଏମ୍-ସମିଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସମଗ୍ର ବିଶ୍ୱ ଏବେ ଭାରତକୁ ଏକ ନିର୍ଭରଯୋଗ୍ୟ, ଦାୟିତ୍ୱବାନ ଏବଂ ନିରନ୍ତର ଅଂଶୀଦାର ଭାବରେ ଗ୍ରହଣ

କରିଛି । ନୂଆଦିଲ୍ଲୀରେ ଗତ ସନ୍ଧ୍ୟାରେ ଘରୋଇ ଗଣମାଧ୍ୟମ ସଂସ୍ଥା ଦ୍ୱାରା ଆୟୋଜିତ ବିଶ୍ୱ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ବୈଦ୍ୟୁତିକ କ୍ଷେତ୍ରଠାରୁ ଆରମ୍ଭ କରି ଔଷଧ ଏବଂ ଅଟୋମୋବାଇଲ୍‌ରୁ ମୋବାଇଲ୍ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଭାରତରେ ନିବେଶ ବୃଦ୍ଧି ପାଉଛି । ବିଶ୍ୱ ଯୋଗାଣ ଶୃଙ୍ଖଳର ଏକ ପ୍ରମୁଖ କେନ୍ଦ୍ର ହେବାରେ ଏହି ନିବେଶ ସହାୟକ ହେଉଛି । ଭାରତର ଅଭିବୃଦ୍ଧି ବିଶ୍ୱକୁ ସୁଯୋଗ ପ୍ରଦାନ କରୁଛି । ଏଫ୍‌ଟା ବାଣିଜ୍ୟ ଚୁକ୍ତିନାମା ଅନୁଯାୟୀ ୟୁରୋପୀୟ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଭାରତରେ ୧୦୦ ବିଲିୟନ ଡଲାର ମୂଲ୍ୟର ନିବେଶ ପାଇଁ ପ୍ରତିବଦ୍ଧ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM- Trade)**

ପ୍ରଧାନମନ୍ତ୍ରୀ କହିଛନ୍ତି, ଜି-୭ ଦେଶ ସମୂହଙ୍କ ସହିତ ଭାରତର ବାଣିଜ୍ୟ ୬୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି । ସେ କହିଛନ୍ତି, ବିଶ୍ୱରେ ଏବେ ଅଟଳ ଭାରତ ବିଷୟରେ ଆଲୋଚନା ହେଉଛି । ଗତ ୧୧ ବର୍ଷ ମଧ୍ୟରେ ଭାରତ ସମସ୍ତ ସନ୍ଦେହକୁ ଦୂର କରିଛି ଏବଂ ପ୍ରତ୍ୟେକ ଆହ୍ୱାନର ସଫଳ ମୁକାବିଲା କରିପାରିଛି । ବିଶ୍ୱର ପଞ୍ଚମ ଅର୍ଥନୈତିକ ରାଷ୍ଟ୍ରରେ ପରିଣତ ହୋଇଛି । ମୁଦ୍ରାସ୍ଫୀତି ୨ ପ୍ରତିଶତରୁ ନିମ୍ନରେ ରହିଥିବା ବେଳେ ଅଭିବୃଦ୍ଧି ହାର ୭ ପ୍ରତିଶତ ଅତିକ୍ରମ କରିଛି । ଆତଙ୍କବାଦ ଆକ୍ରମଣ ବିରୋଧରେ ଭାରତ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିଛି ।

**V/O (PM- Terror)**

ଗତ ୧୧ ବର୍ଷ ମଧ୍ୟରେ ଦେଶର ମାଓ ପ୍ରଭାବିତ ଜିଲ୍ଲା ୧୨୫ରୁ ହ୍ରାସ ପାଇଁ ୧୧ରେ ପହଞ୍ଚିଛି । ସେଥିମଧ୍ୟରୁ କେବଳ ୩ଟି ଜିଲ୍ଲା ଏବେ ନକ୍ସଲ ଅଧ୍ୟୁଷିତ ଭାବେ ରହିଛି । ବହୁ ନକ୍ସଲବାଦୀ ହିଂସାର ପଥ ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି । ଦୀପାବଳିରେ ମାଓ ଆତଙ୍କବାଦରୁ ମୁକ୍ତ ହୋଇଥିବା ଅଞ୍ଚଳ ଗୁଡ଼ିକ ଆନନ୍ଦ ଉତ୍ସବ ପାଳନ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ରାଜନାଥ-ବ୍ରହ୍ମୋସ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆଜି ଲକ୍ଷ୍ନୌର ବ୍ରହ୍ମୋସ୍ ଏରୋସ୍ପେସ୍ କେନ୍ଦ୍ରରେ ନିର୍ମିତ ବ୍ରହ୍ମୋସ କ୍ଷେପଣାସ୍ତ୍ରର ପ୍ରଥମ ପର୍ଯ୍ୟାୟକୁ ଶୁଭାରମ୍ଭ କରିବେ । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ  ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ଲକ୍ଷ୍ନୌସ୍ଥିତ ବ୍ରହ୍ମୋସ ୟୁନିଟ୍ ହେଉଛି ଉତ୍ତରପ୍ରଦେଶ ପ୍ରତିରକ୍ଷା କରିଡରର ପ୍ରଥମ କେନ୍ଦ୍ର, ଯେଉଁଠାରେ କ୍ଷେପଣାସ୍ତ୍ର ପ୍ରଣାଳୀ ନିର୍ମାଣଠାରୁ ଆରମ୍ଭ କରି ପରୀକ୍ଷଣ ପର୍ଯ୍ୟନ୍ତ ସଂପୂର୍ଣ୍ଣ ପ୍ରକ୍ରିୟା ସ୍ୱଦେଶୀ ଢଙ୍ଗରେ ପ୍ରସ୍ତୁତ କରାଯାଏ । ଆଜିର କାର୍ଯ୍ୟକ୍ରମ ଅବସରରେ ପ୍ରତିରକ୍ଷାମନ୍ତ୍ରୀ ବୁଷ୍ଟର ବିଲ୍ଡିଂର ଉଦ୍‌ଘାଟନ କରିବା ସହ ବୁଷ୍ଟର ଡକିଂ ପ୍ରକ୍ରିୟାର ସମୀକ୍ଷା କରିବାର କାର୍ଯ୍ୟସୂଚୀ ରହିଛି ।

## ସିଏକ୍ୟୁଏମ୍ ବୈଠକ

ଶୀତଋତୁରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ନେଇ ଗତକାଲି ନୂଆଦିଲ୍ଲୀରେ ବାୟୁ ଗଣବତ୍ତା ପରିଚାଳନା କମିଶନ-**CAQM** ପ୍ରସ୍ତୁତିର ସମୀକ୍ଷା କରିଛି । କମିଶନର ୨୫ତମ ବୈଠକରେ ବାୟୁ ମାନ ନିୟନ୍ତ୍ରଣ ପଦକ୍ଷେପର ସଠିକ୍

କାର୍ଯ୍ୟାନ୍ୱୟନ ଏବଂ ଯାନବାହାନ, ଶିଳ୍ପ ତଥା ବିଭିନ୍ନ ଅଞ୍ଚଳରେ ନଡ଼ା ପୋଡ଼ିବାକୁ ପ୍ରତିହତ କରିବା ସଂକ୍ରାନ୍ତ ନିର୍ଦ୍ଦେଶାବଳୀର ସମୀକ୍ଷା କରାଯାଇଛି । ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ କହିଛି, ବୈଠକ ଅବସରରେ କମିଶନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଆଜିଠାରୁ ସୋମବାର ପର୍ଯ୍ୟନ୍ତ ଦିଲ୍ଲୀ ଏନ୍‌ସିଆର୍ ଅଞ୍ଚଳରେ ସବୁଜ ବାଣ ବିକ୍ରୟ ନେଇ ତୀକ୍ଷ୍ଣ ନଜର ରଖିଛି ।

## ମେହୁଲ ଚୋକ୍‌ସି ପ୍ରତ୍ୟର୍ପଣ

ବେଲ୍‌ଜିୟମର ଏକ କୋର୍ଟ ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କୁ ଭାରତକୁ ପ୍ରତ୍ୟର୍ପଣ ନେଇ ଅନୁମତି ପ୍ରଦାନ କରିଛନ୍ତି । ଆଣ୍ଟୱର୍ପ ର କୋର୍ଟ ଗତକାଲି ଏହି ରାୟ ପ୍ରଦାନ କରି କହିଛନ୍ତି, ଭାରତର ଅନୁରୋଧ ଆଧାରରେ ମେହୁଲ୍ ଚୋକ୍‌ସିଙ୍କୁ ବେଲଜିୟମ ପୋଲିସ୍ ଦ୍ୱାରା ଗିରଫ କରାଯିବା ଆଇନ ଅନୁଯାୟୀ ବୈଧ ଥିଲା । କୋର୍ଟଙ୍କ ଏହି ରାୟ ୧୩ ହଜାର କୋଟି ଟଙ୍କାର ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ଆର୍ଥିକ ଠକେଇ ମାମଲାରେ ପଳାତକ ଚୋକ୍‌ସିଙ୍କୁ ଭାରତକୁ ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ ।

ସିବିଆଇରେ ଆନୁଷ୍ଠାନିକ ପ୍ରତ୍ୟର୍ପଣ ଅନୁରୋଧ ଆଧାରରେ ମେହୁଲ ଚୋକ୍‌ସିଙ୍କୁ ଗତ ଏପ୍ରିଲ୍ ମାସ ୧୧ ତାରିଖରେ ଆଣ୍ଟୱର୍ପ ପୋଲିସ୍ ଗିରଫ କରିଥିଲା । ସେବେଠାରୁ ସେ ସେଠାରେ ହାଜତରେ ରହିଛି । କୋର୍ଟରେ ମାମଲାର ବିଚାର ସମୟରେ ବେଲଜିୟମର ସରକାରୀ ଆଇନଜୀବୀ ଭାରତର ମାମଲାକୁ ସମର୍ଥନ କରିଥିଲେ । ଚୋକ୍‌ସିଙ୍କ ବିରୁଦ୍ଧରେ ଠକେଇ, ଅପରାଧିକ

ଷଡ଼ଯନ୍ତ୍ର ଏବଂ ଦୁର୍ନୀତି ସମେତ ସମସ୍ତ ଅଭିଯୋଗ ବେଲ୍‌ଜିୟମ ଆଇନ ଅନୁଯାୟୀ ବୈଧ ବୋଲି ସେଠାକାର କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ୧୫ ଦିନ ମଧ୍ୟରେ ବେଲ୍‌ଜିୟମ ସୁପ୍ରିମକୋର୍ଟରେ ଏହି ନିଷ୍ପତ୍ତି ବିରୁଦ୍ଧରେ ଚୋକ୍‌ସି ଆବେଦନ କରିପାରିବେ ।

## ଆଫଗାନ-ପାକ୍ ଷ୍ଟ୍ରାଇକ୍

ଅଫଗାନିସ୍ତାନର ସୀମାନ୍ତ ଅଞ୍ଚଳ ପାକଟିକାରେ ପାକିସ୍ତାନ ପକ୍ଷରୁ ଆକାଶମାର୍ଗରୁ ଆକ୍ରମଣରେ ୧୦ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ହୋଇଛି । ଗତ ୨ ଦିନର ଅସ୍ତ୍ରବିରତି ପରେ ପାକିସ୍ତାନ ପକ୍ଷରୁ ଏଭଳି ଆକ୍ରମଣ କରାଯାଇଛି । ଏଥିରେ ୧୨ ଜଣ ଆହତ ହୋଇଥିବା ଜଣାପଡ଼ିଛି । ଜଣେ ବରିଷ୍ଠ ତାଲିବାନ ଅଧିକାରୀ କହିଛନ୍ତି, ପାକିସ୍ତାନ ଅସ୍ତ୍ର ବିରତିକୁ ଉଲ୍ଲଂଘନ କରିଛି ଏବଂ ଡ୍ରୋନ୍ ମାଧ୍ୟମରେ ପାକ୍‌ଟିକା ପ୍ରଦେଶର ୩ଟି ସ୍ଥାନରେ ବୋମାମାଡ଼ କରିଛି। ଆଫଗାନିସ୍ତାନ ଏହାର ଉଚିତ ଜବାବ ଦେବ ବୋଲି ସେ କହିଛନ୍ତି । ମୃତକଙ୍କ ମଧ୍ୟରେ ଅତି କମ୍‌ରେ ୩ ଜଣ ସ୍ଥାନୀୟ କ୍ରିକେଟ୍ ଖେଳାଳି ରହିଛନ୍ତି ।

ଏହି ଆକ୍ରମଣ ପରିପ୍ରେକ୍ଷୀରେ ଆସନ୍ତାମାସରେ ପାକିସ୍ତାନ ଓ ଶ୍ରୀଲଙ୍କା ସହିତ ହେବାକୁ ଥିବା ତ୍ରିରାଷ୍ଟ୍ରୀୟ କ୍ରିକେଟ୍ ସିରିଜ୍‌ରୁ ଆଫଗାନିସ୍ତାନ ଓହରି ଯାଇଛି । ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛି, ଏହି କ୍ରିକେଟ୍ ଖେଳାଳିମାନେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଅଂଶ ଗ୍ରହଣ କରିବା ପାଇଁ ପାକ୍‌ଟିକା ପ୍ରଦେଶକୁ ଯାଇଥିଲେ ।

ସୂଚନାଯୋଗ୍ୟ ପାକିସ୍ତାନ ଗତ ବୁଧବାର ଦିନ ଆଫଗାନିସ୍ତାନ ଉପରେ ବିମାନ ଆକ୍ରମଣ କରିବା ପରିପ୍ରେକ୍ଷୀରେ ଉଭୟ ପକ୍ଷ ମଧ୍ୟରେ ବିବାଦୀୟ ସୀମାରେ ଗୁଳି ବିନିମୟ ହୋଇଥିଲା । ତେବେ ଏହାର କିଛି ସମୟ ପରେ ଦୁଇଦେଶ ମଧ୍ୟରେ ୪୮ ଘଣ୍ଟାର ଅସ୍ତ୍ରବିରତି ଘୋଷଣା କରାଯାଇଥିଲା । ଅସ୍ତ୍ରବିରତି ସୟସୀମା ଗତକାଲି ଶେଷ ହୋଇଥିଲା । ଉଭୟ ପକ୍ଷଙ୍କ ମଧ୍ୟରେ  ଆଜି ଅସ୍ତ୍ର ବିରତି ସମୟସୀମା ବୃଦ୍ଧି ନେଇ ଆଲୋଚନା ହେବାର  କାର୍ଯ୍ୟସୂଚୀ ରହିଥିଲା ।

# ବିଏସ୍ଏନ୍ଏଲ୍-ଦିଓ୍ୱାଲି ଅଫର

ଭାରତ ସଂଚାର ନିଗମ ଲିମିଟେଡ୍-ବିଏସ୍ଏନ୍ଏଲ୍ ସମଗ୍ର ଦେଶରେ ନୂତନ ଗ୍ରାହକଙ୍କ ପାଇଁ ୧ ଟଙ୍କା ବିନିମିୟରେ ଦୀପାବଳି ଫୋର୍-ଜି ଯୋଜନା ପ୍ରଚଳନ କରିଛି । ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଯୋଜନା ଆସନ୍ତାମାସ ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଯୋଜନା ଅଧୀନରେ ୩୦ ଦିନର ମାଗଣା ମୋବାଇଲ୍ ସେବା ପ୍ରଦାନ କରାଯାଉଛି । ଏହା ମଧ୍ୟରେ ଅସୀମିତ କଲ୍, ଦୈନିକ ୨ ଜିବି ଡାଟା ଏବଂ ୧୦୦ ଏସ୍ଏମ୍ଏସ୍ ଅନ୍ତର୍ଭୁକ୍ତ । ବିଏସ୍ଏନ୍ଏଲ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏ ରବର୍ଟ ଜେ. ରବି କହିଛନ୍ତି ପାର୍ବଣ ଅବସରରେ ବିଭିନ୍ନ ବର୍ଗର ଗ୍ରାହକଙ୍କ ପାଇଁ ବିଏସ୍ଏନ୍ଏଲ୍ ପକ୍ଷରୁ ୫ଟି ଯୋଜନା ପ୍ରଚଳନ କରାଯାଇଛି ।

# ଡେନମାର୍କ ଓପନ୍

ଡେନ୍‌ମାର୍କ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ ସେଟ୍ଟି ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଇଣ୍ଡୋନେସିଆର ପ୍ରତିଯୋଗୀଙ୍କୁ ଗତକାଲିର

ମ୍ୟାଚ୍‌ରେ ଭାରତୀୟ ଯୋଡ଼ି ୨୧-୧୫, ୧୮-୨୧ ଏବଂ ୨୧-୧୬ ପଏଣ୍ଟରେ ପରାସ୍ତ କରିଛନ୍ତି । ସେମିଫାଇନାଲ୍ ପର୍ଯ୍ୟାୟରେ ଏହି ଯୋଡ଼ି ଜାପାନର ତାକୁରୋହୋକି ଏବଂ ୟୁଗୋ କୋବାୟାସିଙ୍କୁ ଆଜି ଭେଟିବେ ।

ଅନ୍ୟପକ୍ଷରେ ପୁରୁଷ ଏକକ ବର୍ଗରେ ଲକ୍ଷ୍ୟ ସେନ୍ ଫ୍ରେଞ୍ଚ ପ୍ରତିପକ୍ଷ ଆଲେକ୍ସ ଲାନିଅର୍‌ଙ୍କଠାରୁ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି ।

# ଫୁଟବଲ୍

ଏଏଫ୍‌ସି ୧୭ବର୍ଷରୁ କମ୍ ମହିଳା ଏସିଆନ୍ କପ୍-୨୦୨୬ ଫୁଟବଲ ପ୍ରତିଯୋଗିତା ପାଇଁ ଭାରତୀୟ ଦଳ ଯୋଗ୍ୟତା ଅର୍ଜନ କରିଛି । ବିସ୍କେକ୍ ଠାରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ଉଜ୍‌ବେକିସ୍ତାନକୁ ୨-୧ ଗୋଲ୍‌ରେ ପରାସ୍ତ କରି ଏହି ସଫଳତା ହାସଲ କରିଛି । ପ୍ରତିଯୋଗିତାର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ୨ଟି ମ୍ୟାଚ୍‌ରୁ ୬ ପଏଣ୍ଟ ହାସଲ କରି ଗ୍ରୁପ୍-ଜି ର ଶୀର୍ଷସ୍ଥାନକୁ ଉନ୍ନୀତ ହୋଇଛି । ଆସନ୍ତାବର୍ଷ ଚୀନ୍‌ଠାରେ ଏଏଫ୍‌ସି ୧୭ବର୍ଷରୁ କମ୍ ମହିଳା ଏସୀୟ କପ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

# ୱିମେନ୍ କ୍ରିକେଟ୍

ଆଇସିସି ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଛି । କଲମ୍ବୋସ୍ଥିତ ଆର୍. ପ୍ରେମଦାସା ଷ୍ଟାଡିୟମରେ ଖେଳାଯାଇଥିବା ବର୍ଷାବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଦକ୍ଷିଣଆଫ୍ରିକା' ଶ୍ରୀଲଙ୍କାକୁ ୧୦ ୱିକେଟ୍‌ରେ ପରାସ୍ତ କରିଛି । ବର୍ଷା ଯୋଗୁଁ ମ୍ୟାଚ୍‌କୁ ୨୦ ଓଭରରେ ସୀମିତ ରଖାଯାଇଥିଲା । ଟସ୍ ଜିତି ଶ୍ରୀଲଙ୍କା ବ୍ୟାଟିଂ କରି ୭

ୱିକେଟ୍‌ରେ ୧୦୫ ରନ୍ ସଂଗ୍ରହ କରିଥିଲା । ଦକ୍ଷିଣ ଆଫ୍ରିକା ୧୪ ଓଭର ଏବଂ ୫ଟି ବଲ୍‌ରେ କୌଣସି ୱିକେଟ୍ ନ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଛି । ୫ଟି ମ୍ୟାଚ୍‌ରୁ ଚତୁର୍ଥ ବିଜୟ ସହ ଦକ୍ଷିଣ ଆଫ୍ରିକା ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି ।